ଟିପ୍ପଣୀ

# 16

# ରାସାୟନିକ ଗତିଜବିଜ୍ଞାନ

ତୁମେ ଜାଣିଛ ଯେ ଗୋଟିଏ ପ୍ରକିୟାରେ ଗିବ୍‌ସ ଶକ୍ତିର ପରିବର୍ତ୍ତନର ଜ୍ଞାନ ଆମକୁ ସୂଚାଇ ଦେଇପାରିବ, ସେହି ପ୍ରକ୍ରିୟାଟି ହୋଇପାରିବ କି ନାହିଁ, କିନ୍ତୁ ଗିବ୍‌ସ ଶକ୍ତିର ହ୍ରାସ, ପ୍ରକ୍ରିୟାର ଗତି ବିଷୟରେ କୌଣସି ସୂଚନା ହୋଇପାରିବ ନାହିଁ । ଉଦାହରଣ ସ୍ୱରୂପ - ଉଦ୍‌ଜାନ ଓ ଅମ୍ଳଜାନ ମଧ୍ୟରେ ହେଉଥିବା ପ୍ରତିକ୍ରିୟା ଫଳରେ ଜଳ ପ୍ରସ୍ତୁତ ହୁଏ ଓ ଏହି ପ୍ରକ୍ରିୟାରେ ଗିବ୍‌ସ ଶକ୍ତି ବହୁତ ମାତ୍ରାରେ କମିଯାଏ । ଉଦ୍‌ଜାନ ଓ ଅମ୍ଳଜାନକୁ ମିଶାଇ ବହୁତ ଦିନଧରି ରଖିଦେଲେ ମଧ ସେଥିରୁ ଜଳର ପ୍ରସ୍ତୁତିକୁ ତୁମେ ପର୍ଯ୍ୟବେକ୍ଷଣ କରିପାରିବ ନାହିଁ । ଅପର ପକ୍ଷରେ, କେତେକ ପ୍ରତିକ୍ରିୟା ଅଛି ଯେଉଁଗୁଡ଼ିକ ତତ୍‌କ୍ଷାଣାତ୍ ହୋଇଯାଆନ୍ତି । ଉଦାହରଣ ସ୍ୱରୂପ ଯେତେବେଳେ ସିଲ୍‌ଭର ନାଇଟ୍ରେଟ୍ ($AgNO_3$)ଦ୍ରବଣରେ ହାଇଡ୍ରୋକ୍ଲୋରିକ୍ ଅମ୍ଳ (HCl) ମିଶାଯାଏ, ତତ୍‌କ୍ଷାଣତ୍ ସିଲଭର୍ କ୍ଲୋରାଇଡ୍ (AgCl) ଅବକ୍ଷେପିତ ହୁଏ । ଏହି ଅଧ୍ୟାୟରେ ତୁମେ ପ୍ରତିକ୍ରିୟାର ଗତି ବିଷୟରେ ପଢ଼ିବ, ଯେଉଁଗୁଡ଼ିକ ଖୁବ୍ ଧୀର ବା ଖୁବ୍ ତୀବ୍ର ଗତିରେ ହୁଅନ୍ତି ନାହିଁ । ତୁମେ ମଧ ପଢ଼ିବ ଯେ କେଉଁ କାରକ ଗୁଡ଼ିକ ପ୍ରତିକ୍ରିୟାର ଗତିକୁ ନିୟନ୍ତ୍ରଣ କରନ୍ତି ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପାଠ କରିବା ପରେ ତୁମେ :

- ରାସାୟନିକ ପ୍ରତିକ୍ରିୟାର ହାର ବିଷୟରେ ବୁଝାଇ ପାରିବ;
- ହାରାହାରି ହାର ଓ ତତ୍‌କ୍ଷାଣିକ ହାର ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବ;
- ବିଭିନ୍ନ ପ୍ରତିକାରକ ଓ ଉତ୍ପାଦର ସାନ୍ଦ୍ରତାର ପରିବର୍ତ୍ତନକୁ ହାରାହାରି ଓ ତତ୍‌କ୍ଷଣିକ ହାର ସହ ସମ୍ବନ୍ଧୀତ କରିପାରିବ;
- ପ୍ରତିକ୍ରିୟାର ହାରକୁ ପ୍ରଭାବିକ କରୁଥିବା କାରକ ମାନଙ୍କୁ ବୁଝାଇପାରିବ;
- ପ୍ରତିକ୍ରିୟାରେ ହାର ନିୟମ ଓ ହାର ସ୍ଥିରାଙ୍କର ସଂଜ୍ଞା ନିରୂପଣ କରିପାରିବ;
- ପ୍ରତିକ୍ରିୟାର କ୍ରମ ଓ ଅଣୁ ସଂଖ୍ୟତାର ସଂଜ୍ଞା ନିରୂପଣ କରିପାରିବ;
- ପ୍ରତିକ୍ରିୟାର କ୍ରମ ଓ ଅଣୁ ସଂଖ୍ୟତା ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବ;
- ପ୍ରଥମ କ୍ରମ ପ୍ରତିକ୍ରିୟାର ହାର ନିୟମର ବ୍ୟୁତ୍ପତ୍ତି ନିର୍ଣ୍ଣୟ କରିପାରିବ ଓ ପ୍ରଥମ କ୍ରମ ପ୍ରତିକ୍ରିୟାର ଅର୍ଦ୍ଧ ଆୟୁ କାଳର ସଂଜ୍ଞା ନିରୂପଣ କରିପାରିବ;
- ପ୍ରଥମ କ୍ରମ ପ୍ରତିକ୍ରିୟାର ଅର୍ଦ୍ଧ ଆୟୁ କାଳ ଓ ହାର ସ୍ଥିରାଙ୍କ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିପାରିବ;
- ସମ୍ବନ୍ଧ ଗୁଡ଼ିକ ଉପଯୋଗ କରି ସଂଖ୍ୟାତ୍ମକ ପ୍ରଶ୍ନର ସମାଧାନ କରିପାରିବ;

- ପ୍ରତିକ୍ରିୟାର ହାର ଉପରେ ତାପମାତ୍ରାର ପ୍ରଭାବ ବୁଝାଇପାରିବ ଏବଂ
- Arrhenius ସମୀକରଣ ଓ ସକ୍ରିୟଣ ଶକ୍ତିକୁ ବୁଝାଇପାରିବ ।

## 16.1 ରାସାୟନିକ ପ୍ରତିକ୍ରିୟା ହାର

ଯେତେବେଳେ ପ୍ରତିକାରକମାନଙ୍କୁ ପ୍ରତିକ୍ରିୟ ହେବାପାଇଁ ମିଶାଯାଏ, ପ୍ରାରମ୍ଭରେ ଉତ୍ପାଦମାନେ ନଥାଆନ୍ତି, ଯେତେବେଳେ ସମୟ ଗଡ଼ିଚାଲେ, ଉତ୍ପାଦମାନଙ୍କର ସାନ୍ଦ୍ରତା ବଢ଼ିଚାଲେ ଓ ପ୍ରତିକାରକମାନଙ୍କର ସାନ୍ଦ୍ରତା କମିଚାଲେ । କୌଣସି ଏକ ପ୍ରତିକ୍ରିୟା ହାରକୁ ସେହି ପ୍ରତିକ୍ରିୟାରେ ପ୍ରତିକାରକ (ବା ଉତ୍ପାଦ)ର ସାନ୍ଦ୍ରତା ପ୍ରତି ଏକକ ସମୟରେ ହେଉଥିବା ପରିବର୍ତ୍ତନକୁ ବୁଝାଏ ।

$$\text{ରାସାୟନିକ ପ୍ରତିକ୍ରିୟାର ହାର} = \frac{\text{ସାନ୍ଦ୍ରତାର ପରିବର୍ତ୍ତନ}}{\text{ଦରକାର ହେଉଥିବା ସମୟ}} \quad \text{(ପ୍ରତିକାରକ ବା ଉତ୍ପାଦର)}$$

$$= \frac{mol\ litre^{-1}}{Second} \left(\frac{\text{ମୋଲ୍ ଲିଟର}^{-1}}{\text{ସେକେଣ୍ଡ}}\right) = \text{mol litre}^{-1}\ \text{sec}^{-1}$$

ନିମ୍ନଲିଖିତ ରାସାୟନିକ ପ୍ରତିକ୍ରିୟାଟିକୁ ବିଚାର କରାଯାଉ ।

$$2NO\ (g) + Br_2\ (g) \rightarrow 2NOBr\ (g)$$

ବିଭିନ୍ନ ସମୟ ବ୍ୟବଧାନରେ NOBr ର ମୋଲାର୍ ସାନ୍ଦ୍ରତାର ବୃଦ୍ଧିକୁ ମପାଯାଇ ଏହି ପ୍ରତିକ୍ରିୟାର ହାର ମପାଯାଇପାରିବ । ଆସ ଦେଖିବା ଏହି ପ୍ରତିକ୍ରିୟାର ହାରକୁ ଆମେ କିପରି ପରିପ୍ରକାଶ କରିପାରିବା । ତୁମେ ଜାଣିଛ ଯେ ଗୋଟିଏ ପଦାର୍ଥର ମୋଲାର୍ ସାନ୍ଦ୍ରତାକୁ ଏହି ପଦାର୍ଥର ସଂକେତକୁ ବର୍ଗାକାର ବନ୍ଧନୀରେ ରଖି ପରିପ୍ରକାଶ କରିହେବ ।

ଉଦାହରଣ ସ୍ୱରୂପ, [ NOBr ], NOBr ର ମୋଲାର ସାନ୍ଦ୍ରତାକୁ ପରିପ୍ରକାଶ କରେ ।

ମନେକର, $[NOBr]_1$ ,$t_1$ ସମୟରେ NOBr ର ସାନ୍ଦ୍ରତା ଓ $[NOBr]_2$ $t_2$ ସମୟରେ NOBr ର ସାନ୍ଦ୍ରତା ଅଟେ ।

ମୋଲାର ସାନ୍ଦ୍ରତାର ପରିବର୍ତ୍ତନ = $[NOBr]_2 - [NOBr]_1 = \Delta[NOBr]$

ଏପରି ପରିବର୍ତ୍ତନ ପାଇଁ ଦରକାର ହେଉଥିବା ସମୟ = $(t_2 - t_1) = \Delta t$

ତେଣୁ, NOBr ର ପ୍ରସ୍ତୁତି ହାର $= \dfrac{\Delta\ [NOBr]}{\Delta\ t}$

ଏହି ସମୀକରଣରେ ପ୍ରତିକ୍ରିୟାର ହାରକୁ NOBr ଆକାରରେ ପରିପ୍ରକାଶ କରାଯାଏ ।

ଯଦି NO ବା $Br_2$ର ମୋଲାର ସାନ୍ଦ୍ରତାର ହ୍ରାସକୁ ଆମେ ମାପିପାରିବା ତେବେ ଆମେ ପ୍ରତିକ୍ରିୟାର ହାରକୁ NO ଆକାରରେ କିମ୍ବା $Br_2$ ସାହାଯ୍ୟରେ ଲେଖିପାରିବା । ତେଣୁ ପ୍ରତିକ୍ରିୟାର ହାର $= \dfrac{-\Delta\ [NO]}{\Delta\ t}$

କିମ୍ବା ପ୍ରତିକ୍ରିୟା ହାର $= \dfrac{-\Delta\ [Br_2]}{\Delta\ t}$

ତେଣୁ ପ୍ରତିକ୍ରିୟାର ହାରକୁ ପ୍ରତିକାରକ ବା ଉତ୍ପାଦ ସାହାଯ୍ୟରେ ପ୍ରକାଶ କରିପାରିବା ।

ଉପର ଲିଖିତ ପ୍ରତିକ୍ରିୟାରେ ଆମେ ଦେଖୁଯେ NO ର ଦୁଇମୋଲ୍ ବ୍ରୋମିନ୍‌ର ଏକମୋଲ ସହ ପ୍ରତିକ୍ରିୟା କରେ । ତେଣୁ ଏକ ନିର୍ଦ୍ଦିଷ୍ଟ ସମୟ $\Delta t$ ରେ NO ର ସାନ୍ଦ୍ରତା ପରିବର୍ତ୍ତନ ବ୍ରୋମିନ୍‌ର ସାନ୍ଦ୍ରତା ଅପେକ୍ଷା ଦୁଇଗୁଣ । ବିଭିନ୍ନ ପ୍ରତିକାରକ ବା ଉତ୍ପାଦ ଅନୁସାରେ ପ୍ରତିକ୍ରିୟାର ହାରକୁ ସମାନ କରିବାକୁ ହାର ବ୍ୟଞ୍ଜକକୁ (rate expression) ସନ୍ତୁଳିତ ସମୀକରଣରେ ଥିବା ରସ ସମୀକରଣ ମିତୀୟ ସଂଘଟନ ଗୁଣାଙ୍କ ଦ୍ୱାରା ଭାଗ କରାଯାଏ ।





ଉଦାହରଣ ସ୍ୱରୂପ, ଏହି ସମୀକରଣରେ

$$2NO(g) + Br_2(g) \longrightarrow 2NOBr(g)$$

ପ୍ରତିକ୍ରିୟାରେ, ପ୍ରତିକାରକ ଓ ଉତ୍ପାଦ ଅନୁସାରେ ପ୍ରତିକ୍ରିୟାର ହାରକୁ ନିମ୍ନପ୍ରକାର ପରିପ୍ରକାଶ କରାଯାଏ ।

ପ୍ରତିକ୍ରିୟାର ହାର $= +\frac{1}{2}\frac{\Delta [NOBr]}{\Delta t} = -\frac{1}{2}\frac{\Delta [NO]}{\Delta t} = \frac{-\Delta [Br_2]}{\Delta t}$

## 16.2 ହାରାହାରି ହାର ଓ ତାତ୍କ୍ଷଣିକ ହାର

ଗୋଟିଏ ପ୍ରତିକ୍ରିୟା ହାର ପ୍ରତିକାରକର ସାନ୍ଦ୍ରତା ଉପରେ ନିର୍ଭର କରେ । ଯେତେବେଳେ ପ୍ରତିକ୍ରିୟା ଆଗେଇ ଚାଲେ, ପ୍ରତିକାରକର ସାନ୍ଦ୍ରତା ହ୍ରାସ ଘଟେ ତେଣୁ ସଂପୂର୍ଣ୍ଣ ପ୍ରତିକ୍ରିୟା ସମୟରେ ପ୍ରତିକ୍ରିୟା ହାର କେବେହେଲେ ସ୍ଥିର ହୁଏନାହିଁ ।

ପ୍ରତିକ୍ରିୟାର ହାର = $\frac{\Delta [\text{concentration}]}{\Delta t}$ ; ଏହା ହାରାହାରି ହାରର ସୂଚନା ଦିଏ ।

ଉଦାହରଣ ସ୍ୱରୂପ, $\frac{\Delta [NOBr]}{\Delta t}$ ପ୍ରତିକ୍ରିୟାର ହାରାହାରି ହାର ଦର୍ଶାଏ ।

ଗୋଟିଏ ପ୍ରତିକ୍ରିୟାର ତାତ୍କ୍ଷଣିକ ହାର ଦର୍ଶାଇବା ପାଇଁ $\Delta t$ କୁ ପାଖାପାଖି ଶୂନ୍ୟ ଧରାଯାଏ,

ତେଣୁ $\lim_{\Delta t \to 0} \frac{\Delta [NOBr]}{\Delta t} = \frac{d[NOBr]}{dt}$

ଯେତେବେଳେ କୌଣସି ପ୍ରତିକାରକ ବା ଉତ୍ପାଦକର ସାନ୍ଦ୍ରତାକୁ ସମୟ ସହ ରେଖାଚିତ୍ର ଅଙ୍କନ କରାଯାଏ, ଏହା ନିମ୍ନଲିଖିତ ଚିତ୍ରପରି ହୋଇଥାଏ ।




ନିମ୍ନୋକ୍ତ ପ୍ରତିକ୍ରିୟା ପାଇଁ,

$$2N_2O_5(g) \longrightarrow 2NO_2(g) + O_2(g)$$

ପ୍ରତିକ୍ରିୟାର ହାରାହାରି ହାର $= -\frac{1}{2}\frac{\Delta [N_2O_5]}{\Delta t} = \frac{1}{2}\frac{\Delta [NO_2]}{\Delta t} = \frac{\Delta [O_2]}{\Delta t}$ ଏବଂ

ତାତ୍କ୍ଷଣିକ ହାର $= -\frac{1}{2}\frac{d[N_2O_5]}{dt} = \frac{1}{2}\frac{d[NO_2]}{dt} = \frac{d[O_2]}{dt}$

## 16.3 ପ୍ରତିକ୍ରିୟାର ହାରକୁ ପରିବର୍ତ୍ତନ କରୁଥିବା କାରକମାନେ

ଗୋଟିଏ ପ୍ରତିକ୍ରିୟାର ହାର ନିମ୍ନଲିଖିତ କାରକମାନଙ୍କ ଦ୍ୱାରା ପ୍ରଭାବିତ ହୁଏ ।

1. **ପ୍ରତିକାରକମାନଙ୍କର ସାନ୍ଦ୍ରତା :** ସାଧାରଣତଃ ପ୍ରତିକାରକର ସାନ୍ଦ୍ରତା ବଢ଼ିଲେ ପ୍ରତିକ୍ରିୟାର ହାର ବଢ଼ିଯାଏ ।
2. ତାପମାତ୍ରା : ଯେତେବେଳେ ତାପମାତ୍ରା ବଢ଼ାଇ ଦିଆଯାଏ, ପ୍ରତିକ୍ରିୟାର ହାର ବଢ଼ିଯାଏ ।
3. ଉତ୍ପ୍ରେରକର ଉପସ୍ଥିତି : ଏକ ଉତ୍ପ୍ରେରକ ପ୍ରତିକ୍ରିୟା ଦ୍ୱାରା ଖର୍ଚ୍ଚ ନହୋଇ ପ୍ରତିକ୍ରିୟାର ହାରକୁ ବଦଳାଇ ଦିଏ; କିନ୍ତୁ ନିଜର କିଛି ପରିବର୍ତ୍ତନ ହୁଏ ନାହିଁ ।

ଉଦାହରଣ ସ୍ୱରୂପ : ଉଦ୍‌ଜାନ ଓ ଅମ୍ଳଜାନ ମଧ୍ୟରେ ହେଉଥିବା ପ୍ରତିକ୍ରିୟା ଅତ୍ୟନ୍ତ ଶିଥୀଳ; କିନ୍ତୁ ପ୍ଲାଟିନମ୍ ଉତ୍ପ୍ରେରକର ଉପସ୍ଥିତିରେ ପ୍ରତିକ୍ରିୟାର ହାର ତ୍ୱରାନ୍ୱିତ ହୋଇଥାଏ ।

ତୁମେ ଏହି ପାଠରେ ନିମ୍ନ ଅନୁଚ୍ଛେଦରେ ଉତ୍ପ୍ରେରକର ପ୍ରଭାବକୁ ଅଧିକ ଟିକିନିଖି ଭାବରେ ପଢ଼ିବ ।

**ଉଦାହରଣ 16.1 :** ନିମ୍ନୋକ୍ତ ପ୍ରତିକ୍ରିୟାର ହାରହାରି ହାର ଓ ତାତ୍କ୍ଷଣିକ ହାରକୁ ପ୍ରକାଶ କର ।

(i) ଆମୋନିଆ ($NH_3$)ର ପ୍ରସ୍ତୁତ ହାର

(ii) ନାଇଟ୍ରୋଜେନ୍ ($N_2$)ର ଲୋପ ହେବାର ହାର ଓ

(iii) ଉଦ୍‌ଜାନର ବିଲୋପ ହେବାର ହାରରେ ପ୍ରତିକ୍ରିୟାର ହାର ପାଇଁ ବିଭିନ୍ନ ହାର ରାଶିମାଳା (rate expression) ।

ସମାଧାନ ପ୍ରତିକ୍ରିୟାର ହାରକୁ ଏହି ପ୍ରକାରରେ ପରିପ୍ରକାଶ କରାଯାଏ ।

ଆମୋନିଆ ପ୍ରସ୍ତୁତିର ହାରହାରି ହାର $= \frac{\Delta [NH_3]}{\Delta t}$

ନାଇଟ୍ରୋଜେନ୍ ବିଲୋପର ହାରାହାରି ହାର $= \frac{-\Delta [N_2]}{\Delta t}$

ହାଇଡ୍ରୋଜେନ୍ ବିଲୋପର ହାରାହାରି ହାର $= \frac{-\Delta [H_2]}{\Delta t}$

ଆମୋନିଆ ପ୍ରସ୍ତୁତିର ତାତ୍କ୍ଷଣିକ ହାର $= \frac{d[NH_3]}{dt}$

ନାଇଟ୍ରୋଜେନ୍ ବିଲୋପର ତାତ୍କ୍ଷଣିକ ହାର $= \frac{-d[N_2]}{dt}$

ହାଇଡ୍ରୋଜେନ୍ ବିଲୋପର ତାତ୍କ୍ଷଣିକ ହାର $= \frac{-d[H_2]}{dt}$

ତିନୋଟି ପ୍ରତିକ୍ରିୟାର ହାରକୁ ସମାନ କରିବା ପାଇଁ, ସମତୁଲ ସମୀକରଣରେ ପ୍ରତ୍ୟେକ ହାରକୁ ତତ୍‌ସମ୍ବନ୍ଧୀ ପଦାର୍ଥର ଗୁଣାଙ୍କ ଦ୍ୱାରା ବିଭାଜନ କର ।

ହାରାହାରି ହାର $= +\frac{1}{2} \frac{\Delta[NH_3]}{\Delta t} = -\frac{\Delta [N_2]}{\Delta t} = -\frac{1}{3} \frac{\Delta [H_2]}{\Delta t}$

ତାତ୍କ୍ଷଣିକ ହାର $= \frac{1}{2} \frac{d [NH_3]}{dt} = -\frac{d[N_2]}{dt} = -\frac{1}{3} \frac{d [H_2]}{dt}$

## ପାଠଗତ ପ୍ରଶ୍ନ 16.1

1. ମ୍ୟାଗ୍ନେସିୟମ୍ ଓ ହାଇଡ୍ରୋକ୍ଲୋରିକ ଅମ୍ଳ ମଧ୍ୟରେ ହେଉଥିବା ପ୍ରତିକ୍ରିୟାରେ ପ୍ରତିକ୍ରିୟାର ହାରକୁ ପରିପ୍ରକାଶ କରିବା ପାଇଁ ନିମ୍ନଲିଖିତ କେଉଁ ଏକକ ବ୍ୟବହାର ହୁଏ ?

   (a) $cm^{-1}$ s
   (b) $cm^3$ $min^{-1}$
   (c) $cm^2$ $s^{-1}$
   (d) mol $dm^{-3}$ $min^{-1}$

   ....................................................................................................

2. ନିମ୍ନଲିଖିତ ପ୍ରତିକ୍ରିୟା ପାଇଁ,

$$2NO_2(g) + F_2(g) \rightarrow 2NO_2F(g)$$

ହାରାହାରି ପ୍ରତିକ୍ରିୟା ହାର ପାଇଁ ବ୍ୟଞ୍ଜକ ଲେଖ ।

(a) $NO_2F$ ପ୍ରସ୍ତୁତିର ହାର
(b) $NO_2$ ବିଲୋପର ହାର
(c) $F_2$ ବିଲୋପର ହାର
(d) ଉତ୍ପାଦର ପ୍ରସ୍ତୁତି ହାର ଓ ପ୍ରତିକାରକ ବିଲୋପ ହାର

....................................................................................................

3. ଉପରୋକ୍ତ ପ୍ରତିକ୍ରିୟାରେ ଉତ୍ପାଦର ପ୍ରସ୍ତୁତି ଓ ପ୍ରତିକାରକର ବିଲୋପର ତାତ୍‌କ୍ଷଣିକ ହାର ପରିପ୍ରକାଶ କର ।

   ....................................................................................................

4. ଯେତେବେଳେ ବ୍ୟବସ୍ଥାର ଆୟତନ ବଢ଼ିଯାଏ, $CO(g) + NO_2(g) \rightarrow CO_2(g) + NO(g)$ ପ୍ରତିକ୍ରିୟା କାହିଁକି ବହୁତ ଧୀରେ ଧୀରେ ହୁଏ, ବୁଝାଅ ।

   ....................................................................................................

## 16.4 ସାନ୍ଦ୍ରତା ଉପରେ ପ୍ରତିକ୍ରିୟା ହାରର ନିର୍ଭରଶୀଳତା

ଯଦି ଆମେ ଗୋଟିଏ ରାସାୟନିକ ପ୍ରତିକ୍ରିୟାକୁ ଅଧିକ ସମୟ ପର୍ଯ୍ୟନ୍ତ ଅନୁଶୀଳନ କରିବା, ଆମେ ଜାଣିବାକୁ ପାଇବା ଯେ ପ୍ରତିକାରକ ବ୍ୟୟ ହେବା ସହ ଏହାର ହାର ମଧ୍ୟ କମିଯାଏ । ତେଣୁ ଆମେ କହିପାରିବା ଯେ ପ୍ରତିକ୍ରିୟାର ହାର ଏହାର ସାନ୍ଦ୍ରତା ସହ ସମ୍ବନ୍ଧୀତ । ପ୍ରତିକ୍ରିୟାର ହାର ପ୍ରତିକାରକର ସାନ୍ଦ୍ରତା ସହ ସିଧାସଳଖ ଭାବରେ ସମାନୁପାତୀ । ଉଦାହରଣ ପାଇଁ ନିମ୍ନୋକ୍ତ ପ୍ରତିକ୍ରିୟାକୁ ବିଚାର କରାଯାଉ ।

x A (g) + y B (g) → ଉତ୍ପାଦ ।

ସମତୁଲ ସମୀକରଣରେ x ଓ y ଯଥାକ୍ରମେ A ଓ B ର ଗୁଣାଙ୍କ ଅଟେ ।

ପ୍ରତିକ୍ରିୟାର ହାର $\alpha [A]^x [B]^y$

ବା ପ୍ରତିକ୍ରିୟାର ହାର $= k\ [A]^x [B]^y$

ଯେଉଁଠାରେ k ସମାନୁପାତୀ ସ୍ଥିରାଙ୍କ ଅଟେ ।



ଟିପ୍ପଣୀ



ଉପରୋକ୍ତ ସମୀକରଣଟିକୁ ପ୍ରତିକ୍ରିୟାର 'ହାର ନିୟମ' (rate law) କୁହାଯାଏ ।

**ହାରନିୟମର ସଂଜ୍ଞା :** ***ପ୍ରତିକ୍ରିୟାର ହାର ଓ ପ୍ରତିକାରକର ସାନ୍ଦ୍ରତା ମଧ୍ୟରେ ଥିବା ଗାଣିତିକ ସମ୍ବନ୍ଧକୁ 'ହାର ନିୟମ' କୁହାଯାଏ ।***

ଏଠାରେ ଲକ୍ଷ କରିବା କଥା ଏହି ଯେ x ଓ y ପ୍ରତିକାରକ A ଓ B ର ସମୀକରଣ ମିତ୍ରିୟ ଗୁଣାଙ୍କ ସହ ସମାନ ହେବା ନିତ୍ୟାନ୍ତ ଆବଶ୍ୟକ ନୁହେଁ । ହାର ନିୟମରେ ସ୍ଥିରାଙ୍କ k କୁ ହାରସ୍ଥିରାଙ୍କ କୁହାଯାଏ । ସାଂଖ୍ୟାତ୍ମକ ଦୃଷ୍ଟିରେ ଏହା ପ୍ରତିକ୍ରିୟାର ହାର ସହ ସମାନ ଅଟେ ଯଦି ସମସ୍ତ ସାନ୍ଦ୍ରତାକୁ ମାନକୁ ଏକକ ନିଆଯାଏ ।

$\therefore$ ପ୍ରତିକ୍ରିୟାର ହାର = k

ଏହାର ଅର୍ଥ ଏହାଯେ k ର ଅଧିକ ମୂଲ୍ୟ, ଦୃତ ପ୍ରତିକ୍ରିୟାକୁ ଓ କମ୍ ମୂଲ୍ୟ, ଧୀର ପ୍ରତିକ୍ରିୟାକୁ ସୂଚୀତ କରେ ।

ପ୍ରତ୍ୟେକ ପ୍ରତିକ୍ରିୟା ଏହାର ହାରସ୍ଥିରାଙ୍କ ଦ୍ୱାରା ଚିହ୍ନିତ ହୋଇଥାଏ, ଯାହାର ମୂଲ୍ୟ ତାପମାତ୍ରା ଉପରେ ନିର୍ଭର କରେ କିନ୍ତୁ ପ୍ରତିକାରକର ସାନ୍ଦ୍ରତା ଉପରେ ନିର୍ଭର କରେ ନାହିଁ ।

## 16.5 ପ୍ରତିକ୍ରିୟାର କ୍ରମ

ହାର ବ୍ୟଞ୍ଜକରେ (rate expression) ସାନ୍ଦ୍ରତା ପଦ ଉପରେ ଯେଉଁ ଘାତ ଦିଆଯାଇଥାଏ ତାହା ସେହି ପ୍ରତିକ୍ରିୟାର କ୍ରମକୁ ବୁଝାଏ ।

ପ୍ରତିକ୍ରିୟାର ହାର ନିୟମରେ, ହାର $= k\,[A]^x\,[B]^y$

x ଓ y ର ମାନ ଯଥାକ୍ରମେ ପ୍ରତିକାରକ A ଓ B ଅନୁସାରେ ପ୍ରତିକ୍ରିୟାର କ୍ରମ ଅଟେ । ଘାତମାନଙ୍କର ସମଷ୍ଟି x ଓ y ପ୍ରତିକ୍ରିୟାର ସଂପୂର୍ଣ୍ଣ କ୍ରମକୁ ଦର୍ଶାଏ ।

ଉଦାହରଣ ସ୍ୱରୂପ $2NO(g) + O_2(g) \rightarrow 2NO_2(g)$ ପ୍ରତିକ୍ରିୟାରେ, ପରୀକ୍ଷା ଦ୍ୱାରା ମିଳୁଥିବା ହାର ନିୟମ ଏହି ପ୍ରକାର ଅଟେ ।

ହାର = $k\,[NO]^2\,[O_2]^1$

ଏଠାରେ 'NO' ଅନୁସାରେ ପ୍ରତିକ୍ରିୟାର କ୍ରମ 2 ଅଟେ ଓ $O_2$ ଅନୁସାରେ 1ଅଟେ । ଘାତମାନଙ୍କର ସମଷ୍ଟି ପ୍ରତିକ୍ରିୟାର ସଂପୂର୍ଣ୍ଣ କ୍ରମ ଅଟେ ।

ଉପରୋକ୍ତ ଉଦାହରଣରେ, ପ୍ରତିକ୍ରିୟାର ସଂପୂର୍ଣ୍ଣ କ୍ରମ 2 + 1 = 3 ଅଟେ ।

ଏହା ମନେରଖିବା ଉଚିତ୍ ଯେ ପ୍ରତିକ୍ରିୟାର କ୍ରମ ପରୀକ୍ଷା ଦ୍ୱାରା ସ୍ଥିର କରାଯାଏ, କିନ୍ତୁ ଏହା ଏକ ସନ୍ତୁଳିତ ସମୀକରଣରେ ଥିବା ଗୁଣାଙ୍କ ମାନଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇପାରେ ନାହିଁ ।

$$2N_2O_5(g) \rightarrow 4NO_2(g) + O_2(g)$$

ଏଠାରେ ସଂପୂର୍ଣ୍ଣ କ୍ରମ 1 ଅଟେ ଓ ଏହାକୁ ପ୍ରଥମ କ୍ରମ ପ୍ରତିକ୍ରିୟା କୁହାଯାଏ । ପ୍ରତିକ୍ରିୟାର କ୍ରମ 0, 1, 2, 3 ହୋଇପାରେ ଯାହାକୁ ଯଥାକ୍ରମେ ଶୂନ୍ୟକ୍ରମ, ପ୍ରଥମ କ୍ରମ, ଦ୍ୱିତୀୟ କ୍ରମ ଓ ତୃତୀୟ କ୍ରମ କୁହାଯାଏ । ପ୍ରତିକ୍ରିୟାର କ୍ରମ ମଧ୍ୟ ଭଗ୍ନାଂଶ ହୋଇପାରେ, ଉଦାହରଣ ସ୍ୱରୂପ ଇଥାନାଲ୍‌କୁ ମିଥେନ୍ ଓ କାର୍ବୋନ୍ ମନୋକ୍‌ସାଇଡ୍‌କୁ ବିଘଟନ ।

$$CH_3CHO(g) \xrightarrow{723\,K} CH_4(g) + CO(g)$$

ପରୀକ୍ଷା ଦ୍ୱାରା ଜଣା ପଡ଼ିଲା ଯେ ଏହା ନିମ୍ନୋକ୍ତ ହାର ନିୟମ ମାନିଥାଏ ।

$$\text{ପ୍ରତିକ୍ରିୟାର ହାର} = k\,[CH_3CHO]^{\frac{3}{2}}$$

$\therefore$ ପ୍ରତିକ୍ରିୟାର ସମ୍ପୂର୍ଣ୍ଣ କ୍ରମ = $\frac{3}{2}$

### 16.5.1 ପ୍ରତିକ୍ରିୟାର ହାର ଓ ସ୍ଥିରାଙ୍କ ମଧ୍ୟରେ ତଫାତ୍

| ପ୍ରତିକ୍ରିୟାର ହାର | ହାର ସ୍ଥିରାଙ୍କ |
|---|---|
| 1. ଏହା ପ୍ରତିକାରକର ଉତ୍ପାଦକୁ ପରିବର୍ତ୍ତନର ଗତିକୁ ବୁଝାଏ । ଏହା ପ୍ରତିକାରକର | 1. ଏହା ହାର ନିୟମରେ ସମାନୁପାତି ସ୍ଥିରାଙ୍କ ଅଟେ ଓ ଏହା ପ୍ରତିକ୍ରିୟାର ହାର ସହ ସମାନ |



ଟିପ୍ପଣୀ

| | |
|---|---|
| ସାନ୍ଦ୍ରତା ହ୍ରାସର ହାର ବା ଉତ୍ପାଦର ସାନ୍ଦ୍ରତା ବୃଦ୍ଧିର ହାର ରୂପରେ ମପାଯାଏ । | ଯେତେବେଳେ ପ୍ରତ୍ୟେକ ପ୍ରତିକାରକର ସାନ୍ଦ୍ରତା ଏକ ଅଟେ । |
| 2. ଏହା ପ୍ରତିକାରକର ପ୍ରାରମ୍ଭିକ ସାନ୍ଦ୍ରତା ଉପରେ ନିର୍ଭର କରେ । | 2. ଏହା ପ୍ରତିକାରକର ପ୍ରାରମ୍ଭିକ ସାନ୍ଦ୍ରତା ଉପରେ ନିର୍ଭର କରେ ନାହିଁ । |

## 16.6 ହାର ସ୍ଥିରାଙ୍କର ଏକକ

ଶୂନ୍ୟ କ୍ରମ ପ୍ରତିକ୍ରିୟା ପାଇଁ :

$$\text{ହାର} = k\,[A]^0$$

$$\text{ବା ହାର} = k\ ;\ \text{ଯେହେତୁ}\ [A]^0 = 1$$

ହାର ସ୍ଥିରାଙ୍କର ଏକକ mol $L^{-1}$ $s^{-1}$ ଅଟେ । ଶୂନ୍ୟକ୍ରମ ପ୍ରତିକ୍ରିୟାରେ k ର ଏକକ ପ୍ରତିକ୍ରିୟାର ହାର ସହ ସମାନ ।

ପ୍ରଥମ କ୍ରମ ପ୍ରତିକ୍ରିୟା ପାଇଁ :

$$\text{ହାର} = k\,[A]^1$$

$$= \frac{\text{mol L}^{-1}}{\text{s}} = k\ \text{mol L}^{-1}$$

$$\therefore k = s^{-1}$$

ତେଣୁ ପ୍ରଥମ କ୍ରମ ପ୍ରତିକ୍ରିୟା ପାଇଁ, ହାର ସ୍ଥିରାଙ୍କରଏକକ time $^{-1}$ ଅଟେ ।

ଦ୍ୱିତୀୟ କ୍ରମ ପ୍ରତିକ୍ରିୟା ପାଇଁ :

$$\text{ହାର} = k\,[A]^2$$

$$\frac{\text{mol L}^{-1}}{\text{s}} = k\,(\text{mol L}^{-1})^2$$

$$\therefore k = \text{mol}^{-1}\,\text{L}\,\text{s}^{-1}$$

ସାଧାରଣ ଭାବରେ ଯେକୌଣସି 'n' କ୍ରମର ପ୍ରତିକ୍ରିୟା ପାଇଁ ହାର ସ୍ଥିରାଙ୍କ k ର ଏକକ ନିମ୍ନମତେ ପ୍ରକାଶ କରାଯାଇପାରେ ।

$$k = (\text{mol L}^{-1})^{1-n}\ \text{s}^{-1}$$

### 16.6.1 ଶୂନ୍ୟକ୍ରମ ପ୍ରତିକ୍ରିୟା :

ଯେଉଁ ପତ୍ରିକ୍ରିୟାରେ n = 0 , ତାହାକୁ ଶୂନ୍ୟକ୍ରମ ପ୍ରତିକ୍ରିୟା କୁହାଯାଏ । ଏଠାରେ ପ୍ରତିକ୍ରିୟାର ହାର ପ୍ରତିକାରକର ସାନ୍ଦ୍ରତା ଉପରେ ନିର୍ଭର କରେନାହିଁ । ଏହି ପ୍ରତିକ୍ରିୟା ଗୁଡ଼ିକ ବିରଳ । ପ୍ଲାଟିନମ୍ ବା ଟଙ୍ଗ୍‌ଷ୍ଟନ୍ ଧାତୁ ଉପରେ ଆମୋନିଆର ବିଯୋଜନ ଏହାର ଏକ ଉଦାହରଣ । ଅଧିକ ଚାପରେ ଆମୋନିଆ ଯେଉଁ ହାରରେ ବିଯୋଜିତ ହୁଏ ତାହା ଆମୋନିଆର ସାନ୍ଦ୍ରତା ଉପରେ ନିର୍ଭର କରେ ନାହିଁ ।

### 16.6.2 ପ୍ରଥମ କ୍ରମ ପ୍ରତିକ୍ରିୟା :

ଗୋଟିଏ ପ୍ରଥମ କ୍ରମ ପ୍ରତିକ୍ରିୟାର ହାର କିପରି ନିର୍ଦ୍ଧାରଣ କରିବା, ତାହା ଆମେ ଏବେ ଆଲୋଚନା କରିବା । ପ୍ରଥମ କ୍ରମ ପ୍ରତିକ୍ରିୟାର ସମୀକରଣରୁ ଆମେ ଜାଣିପାରିବା କିପରି ସମୟର ଗତି ସହ ସାନ୍ଦ୍ରତାର ପରିବର୍ତ୍ତନ ଘଟେ । ସଂଭାବିତ ପରିବର୍ତ୍ତନକୁ ତଥ୍ୟ ସହ ତୁଳନା କରି ପ୍ରତିକ୍ରିୟାର କ୍ରମ ପାଇବା । ନିମ୍ନୋକ୍ତ ପ୍ରତିକ୍ରିୟା ବିଚାରକୁ ନିଆଯାଉ ।

$A \longrightarrow$ Product (ଉତ୍ପାଦ)







ପ୍ରଥମ କ୍ରମ ପ୍ରତିକ୍ରିୟା ପାଇଁ

$$\text{ହାର} = \frac{-d[A]}{dt} = k_1[A]$$

ଯେଉଁଠି $k_1$ ହାର ସ୍ଥିରାଙ୍କ ଅଟେ ।

ଏହି ହାର ବ୍ୟଞ୍ଜକକୁ ପୁନଃ ବ୍ୟବସ୍ଥିତ କରି ଆମେ ପାଉ :

$$\frac{-d[A]}{[A]} = k_1\ dt$$

ଉଭୟ ପାର୍ଶ୍ୱର ଲଗାରିଦିମ୍ ନେଲେ ଆମେ ପାଉ

$$-l_n[A] = k_1t + \text{ସ୍ଥିରାଙ୍କ} \text{ .................................(i)}$$

ଯେଉଁଠି ପ୍ରାରମ୍ଭିକ ସ୍ଥିତିରୁ ଏହି ସ୍ଥିରାଙ୍କ ନିର୍ଣ୍ଣୟ କରାଯାଇପାରିବ । ମନେକର ଯେତେବେଳେ $t = 0$, (i.e ପ୍ରତିକ୍ରିୟାର ପ୍ରାରମ୍ଭରେ), A ର ସାନ୍ଦ୍ରତା $[A]_0$ ଅଟେ ।

ତେଣୁ ସମୀକରଣ (i)କୁ ଲେଖାଯାଇପାରିବ

$$-\ln [A]_0 = k_1 \times 0 + \text{ସ୍ଥିରାଙ୍କ}$$

$$\therefore \text{ ସ୍ଥିରାଙ୍କ} = -\ln [A]_0$$

ସ୍ଥିରାଙ୍କର ମୂଲ୍ୟକୁ ସମୀକରଣ (i) ରେ ରଖିଲେ,

$$-\ln[A] = -\ln[A]_0 + k_1t$$

ବା, $$-\ln[A] + \ln[A]_0 = k_1t$$

ବା, $$\ln\frac{[A]_0}{[A]} = k_1t$$

ବା, $$k_1 = \frac{1}{t}\ln\frac{[A]_0}{[A]}$$

$$= \frac{1}{t} \times 2.303 \log\frac{[A]_0}{[A]}$$

ବା, $$\frac{k_1t}{2.303} = \log[A_0] - \log[A]$$

ବା, $$\log[A_0] = -\left(\frac{k_1}{2.303}\right)t + \log[A_0] \text{ .........(ii)}$$

ଏଠାରେ $k_1$ ର ଏକକ = $time^{-1}$

ଏହି ସମୀକରଣ (ii) ର ରୂପ ଏକ ସରଳରେଖା ସମୀକରଣ; $y = mx + c$ ପରି । । ଯେଉଁଠାରେ 'm' ଢାଲୁ (slope) ଓ 'c' ଅନ୍ତଖଣ୍ଡ (intercept) ଅଟେ ।



ଟିପ୍ପଣୀ

ଯଦି ଆମେ $\log_{10}$ [A] ସହ 't'କୁ ରେଖାଙ୍କିତ କରିବା, ଏହା ଏକ ସରଳରେଖା ଦେବ ଯାହାର ଢ଼ାଲୁ $\frac{k_1}{2.303}$ ସହ ସମାନ ।

ହାର ସ୍ଥିରାଙ୍କ $k_1$ ଢ଼ାଲୁର ମୂଲ୍ୟରୁ ହିସାବ କରାଯାଇପାରିବ; ଯାହା ଚିତ୍ର 16.1 ରେ ପ୍ରଦର୍ଶନ କରାଯାଇଛି ।




*ଚିତ୍ର 16.1 (ଗୋଟିଏ ପ୍ରଥମ କ୍ରମ ପ୍ରତିକ୍ରିୟା ପାଇଁ log [A) ସହ ସମୟ (t) ର ରେଖାଚିତ୍ର )।*

## 16.6.3 ଅର୍ଦ୍ଧ ଆୟୁକାଳ

ଗୋଟିଏ ପ୍ରତିକ୍ରିୟାକୁ ଅର୍ଦ୍ଧ-ଚରଣ ଅବସ୍ଥା ପର୍ଯ୍ୟନ୍ତ ପହଁଞ୍ଚିବା ପାଇଁ ଯେତିକି ସମୟ ଲାଗେ, ଅର୍ଥାତ୍ ଯେତିକି ସମୟରେ ପ୍ରତିକ୍ରିୟାର ପ୍ରାରମ୍ଭିକ ମାତ୍ରାର ଅଧା ପ୍ରତିକ୍ରିୟା କରେ ତାହାକୁ ପ୍ରତିକ୍ରିୟାର ଅର୍ଦ୍ଧଆୟୁକାଳ କୁହାଯାଏ । ଏହାକୁ $t_{1/2}$ ବା $t_{0.5}$ ଭାବରେ ଚିହ୍ନିତ କରାଯାଏ । ଆମ୍ଭେ ଦେଖିବା କିପରି ଗୋଟିଏ ପ୍ରଥମ କ୍ରମ ପ୍ରତିକ୍ରିୟାର ଅର୍ଦ୍ଧ ଆୟୁକାଳ ହିସାବ କରାଯାଏ ।

ଆମେ ଜାଣୁଯେ $\ln [A] = \log [A]_0 - k_1 t$

ଯେତେବେଳେ $[A] = \frac{1}{2}[A]_0$ (ପ୍ରତିକାରକ ସାନ୍ଦ୍ରତା ପ୍ରାରମ୍ଭିକ ସାନ୍ଦ୍ରତାର ଅଧା ହୋଇଯାଏ )

ସେହି ସମୟରେ $t = t_{1/2}$ (ଅର୍ଦ୍ଧ ଆୟୁକାଳ)

ତେଣୁ $$\ln\left\{\frac{[A]_0}{2}\right\} = \ln[A]_0 - k_1\ t_{1/2}$$

ବା, $$\ln\left\{\frac{[A]_0}{2}\right\} - \ln[A]_0 = -k_1\ t_{1/2}$$

ବା, $$\ln\left\{\frac{\frac{[A]_0}{[2]}}{[A]_0}\right\} = -\ k_1\ t_{1/2}$$

ବା, $$\ln\frac{1}{2} = -k_1 t_{1/2} \quad \text{ବା} \quad t_{1/2} = \frac{1}{k_1}\ln 2$$

ବା, $$t_{1/2} = \frac{2.303}{k_1}\log 2 = \frac{0.693}{k_1}$$

ତୁମେ ଲକ୍ଷ୍ୟ କରୁଥିବ ଯେ ଅର୍ଦ୍ଧ ଆୟୁକାଳ ପ୍ରାରମ୍ଭିକ ସାନ୍ଦ୍ରତା ଉପରେ ନିର୍ଭର କରେ ନାହିଁ ।

**ଉଦାହରଣ 16.2 :** ହାଇଡ୍ରୋଜେନ୍ ପେରୋକ୍ସାଇଡର ବିଯୋଜନ ବେଳେ ଜଳ ଓ ଅମ୍ଳଜାନ ସୃଷ୍ଟି ହୁଏ ଏବଂ ଏହା ଏକ ପ୍ରଥମ ବର୍ଗ ପ୍ରତିକ୍ରିୟା ଯାହାର ହାର ସ୍ଥିରାଙ୍କ ହେଉଛି 0.0410 $\min^{-1}$ ।

$$2H_2O_2\,(l) \longrightarrow 2H_2O(l) + O_2(g)$$

ଯଦି ଆରମ୍ଭରୁ ଆମେ 0.20 M $H_2O_2$ ଦ୍ରବଣ ନେବା ତେବେ 10 ମିନିଟ୍ ପରେ ଏହାର ସାନ୍ଦ୍ରତା କେତେ ହେବ ?

**ସମାଧାନ :** ଆମେ ଜାଣୁଯେ $k = \frac{1}{t}\ln\frac{[A]_0}{[A]}$

ଏହାକୁ $\log_{10}$ରେ ପରିଣତ କଲେ,

$$k = \frac{2.303}{t}\log\frac{[A]_0}{[A]}$$

ଯଦି 10 ମିନିଟ୍ ପରେ $[A] = x$ , k ଏବଂ t ର ମୂଲ୍ୟ ଆମେ ପାଉ

$$0.0410\ (\text{min}^{-1}) = \frac{2.303}{10(\text{min})}\log\frac{0.20}{x}$$

ବା, $$\log\frac{0.20}{x} = \frac{10(\text{min})(0.0410\,\text{min}^{-1})}{2.303} = 0.178$$

ଆଣ୍ଟିଲଗାରିଦିମ୍ ନେଲେ,

$$\frac{0.20}{x} = \text{antilog}\,0.178 = 0.151$$

ତେଣୁ $$x = \frac{0.20}{1.51} = 0.132\,\text{mol litre}^{-1}$$

**ଉଦାହରଣ 16.3 :** ଉଦାହରଣ 16.2 ରେ ଯଦି ପ୍ରାରମ୍ଭିକ ସାନ୍ଦ୍ରତା 0.50 M ହୁଏ ତେବେ କେତେ ସମୟ ମଧ୍ୟରେ ସାନ୍ଦ୍ରତା 0.10 M କୁ ଖସିଆସିବ ?

**ସମାଧାନ :** ଆମେ ଜାଣିଛେ ଯେ $k = \frac{2.303}{t}\log\frac{[A]_0}{[A]}$

K, $[A]_0$ ଓ [A] ର ମୂଲ୍ୟ ପ୍ରତିସ୍ଥାପିତ କରି, ଆମେ ପାଉ

$$0.0410\ \text{min}^{-1} = \frac{2.303}{t}\log\frac{0.50}{0.10}$$

$$t = \log 5 \times \frac{2.303}{0.0410\,\text{min}^{-1}} = \frac{0.699 \times 2.303}{0.041}\text{min} = 39.26\,\text{min}$$

$\therefore t = 39$ ମିନିଟ୍ ।

**ଉଦାହରଣ 16.4 :** 16.2 ଉଦାହରଣରେ ଏକ ନମୁନାର 50% ବିଯୋଜନ ପାଇଁ କେତେ ସମୟ ଲାଗିବ ?



ଟିପ୍ପଣୀ

**ସମାଧାନ :** ଯେତେବେଳେ ନମୂନାର ଅଧା ବିଯୋଜିତ ହୋଇଯାଏ, ଆମେ ପାଉ

$$t_{1/2} = \frac{0.693}{k}$$

ଯେହେତୁ $k = 0.041\ \text{min}^{-1}$,

$$\therefore t_{1/2} = \frac{0.693}{0.410\text{min}^{-1}} = 16.9 \text{ minutes}$$

## ପାଠଗତ ପ୍ରଶ୍ନ 16.2

1. ଏହି ପ୍ରତିକ୍ରିୟାର A $\longrightarrow$ Product ହାର $1.0\times10^{-3}$ mol /litre ଅଟେ । ଯେତେବେଳେ 'A'ର ସାନ୍ଦ୍ରତା =0.020 M, ତେବେ ହାର ସ୍ଥିରାଙ୍କ 'k'କେତେ, ଯଦି ପ୍ରତିକ୍ରିୟାଟି

   (i) ଶୂନ୍ୟ କ୍ରମ

   ....................................................................................................

   (ii) ପ୍ରଥମ କ୍ରମ

   ....................................................................................................

2. ନିମ୍ନଲିଖିତ ପ୍ରତିକ୍ରିୟା

   $$C_2H_4(g) + I_2(g) \rightarrow C_2H_4I_2(g)$$

   ପାଇଁ ହାର ସମୀକରଣ ଦିଆଯାଇଛି

   $$\text{ହାର} = k\left[C_2H_4(g)\right]\left[I_2(g)\right]^{\frac{3}{2}}$$

   (a) ପ୍ରତି ପ୍ରତିକାରକ ଅନୁସାରେ ପ୍ରତିକ୍ରିୟାର କ୍ରମ କେତେ ?

   ....................................................................................................

   (b) ପ୍ରତିକ୍ରିୟାର ମୋଟାମୋଟି କ୍ରମ କେତେ ?

   ....................................................................................................

   (c) ଯଦି ସାନ୍ଦ୍ରତାକୁ mol $dm^{-3}$ ରେ ମପାଯାଏ, ତେବେ k ର ଏକକ କ'ଣ ?

   ....................................................................................................

3. 700 K ରେ $C_2H_5Cl$ ବିଯୋଜନର ପ୍ରଥମ କ୍ରମ ହାର ସ୍ଥିରାଙ୍କ $2.5\times10^{-3}$ $\text{min}^{-1}$ ଅଟେ । ଯଦି ପ୍ରାରମ୍ଭିକ ସାନ୍ଦ୍ରତା 0.01 ମୋଲ୍ ପ୍ରତି ଲିଟର ହୁଏ, ତେବେ $C_2H_5Cl$ ର ସାନ୍ଦ୍ରତା ମୂଳ ମୂଲ୍ୟର ଅଧା ହେବା ପାଇଁ କେତେ ସମୟ ଲାଗିବ ?

   ....................................................................................................

## 16.7 ପ୍ରତିକ୍ରିୟା ହାର ଉପରେ ତାପମାତ୍ରାର ପ୍ରଭାବ

ଆମେ ଆଗରୁ ଶିକ୍ଷାଲାଭ କରିଛେ ଯେ ତାପମାତ୍ରା ବୃଦ୍ଧଯୋଗୁଁ ପ୍ରତିକ୍ରିୟାର ହାରରେ ବୃଦ୍ଧି ଘଟେ । ପ୍ରତି 10 ଡ଼ିଗ୍ରୀ ତାପମାତ୍ରା ବୃଦ୍ଧିରେ, କେତେକ ପ୍ରତିକ୍ରିୟାର ହାର ପ୍ରାୟ ଦୁଇଗୁଣ ହୋଇଯାଏ । ଏହି ବ୍ୟବହାରକୁ ଆମେ କିପରି ବ୍ୟାଖ୍ୟା କରିବା ? ଗୋଟିଏ ରାସାୟନିକ ପ୍ରତିକ୍ରିୟା ହେବାପାଇଁ, ପ୍ରତିକ୍ରିୟାଶୀଳ ଅଣୁଗୁଡ଼ିକ ପରସ୍ପର ମଧ୍ୟରେ ଧକ୍‌କା ଲାଗନ୍ତି । କେବଳ ଦ୍ରୁତଗାମୀ ଅଣୁଗୁଡ଼ିକ, ଅର୍ଥାତ୍ ଯେଉଁ ଅଣୁମାନଙ୍କର ଅଧିକ ଶକ୍ତିଥାଏ ସେମାନେ ପ୍ରତିକ୍ରିୟା କରିବା ପାଇଁ ସକ୍ଷମ ହୁଅନ୍ତି ।







ଧକ୍‌କା ଲାଗିବା ସମୟରେ ପ୍ରତିକ୍ରିୟାଶୀଳ ଅଣୁମାନଙ୍କର କିଛି ନ୍ୟୁନତମ ଶକ୍ତି ରହିବା ଉଚିତ୍ । ଏହାକୁ ପ୍ରଭାବ ସୀମା ଶକ୍ତି (threshhold energy) କୁହାଯାଏ । ତେଣୁ ଯେଉଁ ଅଣୁମାନଙ୍କର ଶକ୍ତି ପ୍ରଭାବ ସୀମା ଶକ୍ତିଠାରୁ ଅଧିକ, ସେମାନେ କେବଳ ପ୍ରତିକ୍ରିୟା କରିବା ପାଇଁ ସକ୍ଷମ ହୁଅନ୍ତି । ଯଦି ଆମେ ଅଧିକ ଶକ୍ତିଥିବା ଅଣୁମାନଙ୍କର ସଂଖ୍ୟା ବଢ଼ାଇ ଦେବା, ତେବେ କ'ଣ ହେବ ? ଅଧିକ ସଂଖ୍ୟକ ଅଣୁ ପ୍ରତିକ୍ରିୟା କରିବେ । ଅର୍ଥାତ୍ ପ୍ରତିକ୍ରିୟାର ହାର ବଢ଼ିଯିବ । ତେଣୁ ଯଦି ଆମେ ତାପମାତ୍ରା ବୃଦ୍ଧି କରୁ ତେବେ ଆମ୍ଭେ ପ୍ରତିକ୍ରିୟାର ହାର ବୃଦ୍ଧିକରୁ । ଆସ ଦେଖିବା, ଆମେ ଏହାକୁ ପରିମାଣାତ୍ମକ ଭାବରେ ପରିପ୍ରକାଶ କରିପାରିବା କି ନାହିଁ ।




**ଚିତ୍ର 16.2 :** ***ଏକ ପ୍ରତିକ୍ରିୟା ପାଇଁ ଶକ୍ତି ଚିତ୍ର***

ଚିତ୍ର 16.2 ରେ ଗୋଟିଏ ପ୍ରତିକ୍ରିୟା ଘଟିବା ସମୟରେ ଶକ୍ତିର ପରିବର୍ତ୍ତନ କିପରି ଘଟେ, ତାହା ଦର୍ଶାଯାଇଛି । ଆନୁଭୂମିକ ଅକ୍ଷ ପ୍ରତିକ୍ରିୟାର ପ୍ରଗତିକୁ ଚିହ୍ନିତ କରେ ଓ ପ୍ରତିକ୍ରିୟା ପୂର୍ଣ୍ଣ ହେବା ପାଇଁ ପ୍ରତିକ୍ରିୟା କେତେ ମାତ୍ରାରେ ପ୍ରଗତି କରୁଛି ତାହା ମଧ ଦର୍ଶାଏ । ଏହି ରେଖାଚିତ୍ର ଦର୍ଶାଉଛି ଯେ ପ୍ରତିକାରକ ଅଣୁ A ଓ B ପାଖରେ ପ୍ରଚୁର ଶକ୍ତି ରହିବା ଉଚିତ୍ । ଏହି ଶକ୍ତିକୁ ସକ୍ରିୟଣ ଶକ୍ତି (activation energy )କୁହାଯାଏ । ସକ୍ରିୟିତ ସଂକୁଳ ତିଆରି କରିବା ପାଇଁ ପ୍ରତିକାରକ ପାଇଁ ଯେତେକ ଶକ୍ତି ଦରକାର, ତାହା ସକ୍ରିୟଣ ଶକ୍ତି ସହ ସମାନ । ସାଧାରଣ ଅବସ୍ଥାରେ ସବୁ କ୍ରିୟାଶୀଳ ଅଣୁମାନଙ୍କର ଶକ୍ତି ପ୍ରଭାବ ସୀମା ଶକ୍ତି ସହ ସମାନ ନଥାଏ । ତେଣୁ ସେମାନଙ୍କର ଶକ୍ତିକୁ ପ୍ରଭାବ ସୀମାଶକ୍ତି ସହ ସମାନ କରିବା ପାଇଁ କିଛି ଅଧିକ ଶକ୍ତି ଯୋଗାଇବାର ଆବଶ୍ୟକ ପଡ଼େ । ସକ୍ରିୟତ ସଂକୁଳର ବିଭବ ଶକ୍ତି ଅଧିକତମ ଅଟେ । ଉତ୍ପାଦ AB ର ପ୍ରସ୍ତୁତି ସମୟରେ, ଅଗ୍ରଗାମୀ ପ୍ରତିକ୍ରିୟାର ସକ୍ରିୟଣ ଶକ୍ତି ' $E_a$' ଦ୍ୱାରା ସୂଚୀତ ହୋଇଛି ଓ ପାଶ୍ଚାତ୍‌ଗାମୀ ପ୍ରତିକ୍ରିୟାର ସକ୍ରିୟଶକ୍ତି $E_a$' ଦ୍ୱାରା ସୂଚୀତ ହୋଇଛି ।

ତୁମେ ଜାଣିଛ ଯେ ପ୍ରତିକ୍ରିୟାର ହାର = k [ସାନ୍ଦ୍ରତା] ଅଟେ । ଯଦି ସାନ୍ଦ୍ରତାର ମୂଲ୍ୟକୁ ଆମେ ଏକ ଧରିବା, ତେବେ ପ୍ରତିକ୍ରିୟାର ହାର ହାରସ୍ଥିରାଙ୍କ (k) ସହ ସମାନ ହେବ । ହାରସ୍ଥିରାଙ୍କ k, ସକ୍ରିୟଣ ଶକ୍ତି $E_a$ର ପରିମାଣ ଉପରେ ନିର୍ଭର କରେ ଓ ପରମ ତାପମାନ (T)ଉପରେ ମଧ ନିର୍ଭର କରେ । ଯେତେବେଳେ $E_a$ ର ମୂଲ୍ୟ ଖୁବ୍ ଅଧିକ ବା ତାପମାନ ଖୁବ୍ କମ୍ ସେତେବେଳେ 'k'ର ମୂଲ୍ୟ କମ୍ ଅଟେ ।

ଆମ୍ଭେ ଏହି ସମ୍ବନ୍ଧକୁ ଗୋଟିଏ ଗାଣିତିକ ସମୀକରଣ ଦ୍ୱାରା ପରିପ୍ରକାଶ କରିପାରିବା ଯାହାକୁ Arrhenius ସମୀକରଣ କୁହାଯାଏ, ଯାହା ଏସ୍.ଆରେନିୟସ୍‌ଙ୍କ ନାମାନୁଯାୟୀ ନାମିତ ହୋଇଛି । ଏହି ସମୀକରଣଟି $k = Ae^{-Ea/RT}$, ଯେଉଁଠାରେ 'A'ସମାନୁପାତି ସ୍ଥିରାଙ୍କ ଅଟେ ଓ ଏହା ମଧ ଆବୃତିକାରକ ନାମରେ ଜଣାଅଛି, 'R' ଗ୍ୟାସ ସ୍ଥିରାଙ୍କ ଅଟେ । k, Ea ଓ T ମଧ୍ୟରେ ଥିବା ଏହି ସମ୍ବନ୍ଧକୁ କିପରି ଉପଯୋଗ କରିପାରିବା ? ଯଦି ହାର ସ୍ଥିରାଙ୍କକୁ ଦୁଇଟି ଭିନ୍ନ ତାପମାନରେ ମାପିପାରିବା, ତେବେ ଆମେ ସକ୍ରିୟଣ ଶକ୍ତିର ହିସାବ କରିପାରିବା ।

ସମୀକରଣ (1) ର ପ୍ରାକୃତିକ ଲଗାରିଦିମ୍ ନେଲେ, ଆମେ ପାଉ

$$\ln k = \ln A - \frac{Ea}{RT} \quad \ldots\ldots\ldots\ldots\ldots\ldots\ldots\ldots\ldots\ldots(2)$$

ଆମେ ଏହି ସମୀକରଣ (2) କୁ ସରଳରେଖା ସମୀକରଣ Y = mx +c ସହ ନିମ୍ନୋକ୍ତ ଭାବରେ ତୁଳନା କଲେ

$$\ln k = -\frac{Ea}{R}\left(\frac{1}{T}\right) + \ln A$$

$\ln k$ କୁ $\frac{1}{T}$ ସହ ରେଖାଙ୍କିତ କଲେ ଏକ ସରଳରେଖା ମିଳେ ଯାହାର ଢାଲୁ $-\frac{Ea}{R}$ ସହ ସମାନ ଓ ଅନ୍ତ ଖଣ୍ଡ $\ln A$ ସହ ସମାନ । (ଚିତ୍ର 16.3)




( **ଚିତ୍ର 16.3 : $E_a$ ର ଗ୍ରାଫିୟ ନିର୍ଦ୍ଧାରଣ** )

ଆମେ ମଧ୍ୟ ସିଧା ସଳଖ ଗଣନା କରି, ଦୁଇ ତାପମାତ୍ରାରେ 'k'ର ମୂଲ୍ୟରୁ '$E_a$'ମଧ୍ୟ ପାଇପାରିବା ।

$T_1$ ତାପମାତ୍ରାରେ ସମୀକରଣ (1) ହେବ

$$k_1 = Ae^{-Ea/RT_1}$$

ଓ $T_2$ ତାପମାତ୍ରାରେ ସମୀକରଣ (1) ହେବ

$$k_2 = Ae^{-Ea/RT_2}$$

$k_1$କୁ $k_2$ ଦ୍ୱାରା ବିଭାଜନ କଲେ ଆମେ ପାଉ, $\frac{k_1}{k_2} = \frac{Ae^{-Ea/RT_1}}{Ae^{-Ea/RT_2}}$

ପ୍ରାକୃତିକ ଲଗାରିଦିମ୍ ନେଲେ, $\ln\frac{k_1}{k_2} = \frac{-E_a}{R}\left(\frac{1}{T_1} - \frac{1}{T_2}\right)$

ଏହାକୁ ଆଧାର 10 ର ଲଗାରିଦିମ୍‌ରେ ପରିଣତ କଲେ, $\log\frac{k_1}{k_2} = \frac{-E_a}{2.303R}\left(\frac{T_2 - T_1}{T_1T_2}\right)$

ଦୁଇପାର୍ଶ୍ୱକୁ -1 ଦ୍ୱାରା ଗୁଣନ କଲେ, $-\log\frac{k_1}{k_2} = \frac{Ea}{2.303R}\left(\frac{T_2 - T_1}{T_1T_2}\right)$

$$\text{ବା, } \log\frac{k_2}{k_1} = \frac{E_a}{2.303R}\left(\frac{T_2 - T_1}{T_1T_2}\right)$$

ଯଦି $E_a$ ଓ k ଅନ୍ୟ ତାପମାତ୍ରାରେ ଜଣାଯାଏ, ତେବେ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ହାରସ୍ଥିରାଙ୍କର ହିସାବ ପାଇଁ ଏହି ସମୀକରଣକୁ ବ୍ୟବହାର କରାଯାଇପାରିବ ।

**ଉଦାହରଣ 16.5 :** ଯଦି ଏକ ପ୍ରତିକ୍ରିୟାରେ ତାପମାତ୍ରା 300 K ରୁ 310K କୁ ବୃଦ୍ଧି କରାଯାଏ ପ୍ରତିକ୍ରିୟାର ହାରସ୍ଥିରାଙ୍କ ଦ୍ୱିଗୁଣିତ ହୋଇଯାଏ, ତେବେ $E_a$ ର ମୂଲ୍ୟ କେତେ ?







**ସମାଧାନ :** ଦିଆଯାଇଛି $\frac{k_2}{k_1} = 2, R = 8.31\ JK^{-1}, T_2 = 310K, T_1 = 300K$

ଆମେ ଜାଣିଛେ ଯେ $\log\frac{k_2}{k_1} = \frac{E_a}{2.303R}\left(\frac{T_2 - T_1}{T_1T_2}\right)$

ଦିଆଯାଇଥିବା ମୂଲ୍ୟକୁ ପ୍ରତିସ୍ଥାପିତ କଲେ ଆମେ ପାଉ,

$$\log 2 = \frac{Ea}{2.303 \times 8.31JK^{-1}}\left(\frac{310 - 300}{310K \times 300K}\right)$$

ସମାଧାନ କଲାପରେ ଆମେ ପାଉ $E_a = 53.5\,kJ$

## ପାଠଗତ ପ୍ରଶ୍ନ 16.3

1. ବହୁତ ଗୁଡ଼ିଏ ପ୍ରତିକ୍ରିୟାର ହାର କେତେ ଡ଼ିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରା ବୃଦ୍ଧିରେ ଦ୍ୱିଗୁଣିତ ହୋଇଯାଏ ?

   ..........................................................................................................

2. 288 K ରେ ଏକ ପ୍ରତିକ୍ରିୟାର ହାରସ୍ଥିରାଙ୍କ $1.3 \times 10^{-5}$ litre/mole ଅଟେ; କିନ୍ତୁ 323K ରେ ଏହାର ହାରସ୍ଥିରାଙ୍କ $8.0\times10^{-3}$ litre/mol ଅଟେ । ପ୍ରତିକ୍ରିୟାର ସକ୍ରିୟଣ ଶକ୍ତି $E_a$ କେତେ ହେବ ?

   ..........................................................................................................

3. ଗୋଟିଏ ପ୍ରତିକ୍ରିୟାର ହାର ତିନିଗୁଣ ହୋଇଯାଏ ଯେତେବେଳେ, ତାପମାନ 293K ରୁ 323K ବୃଦ୍ଧି ହୋଇଯାଏ । ଏହି ପ୍ରତିକ୍ରିୟାର ସକ୍ରିୟଣ ଶକ୍ତି ହିସାବ କର ।

   ..........................................................................................................

4. ଏକ ତାପଉତ୍ପାଦୀ ପ୍ରତିକ୍ରିୟାରେ $H_2$(g) ଓ $O_2$(g) ସଂଯୋଜିତ ହୋଇ $H_2O$(l) ତିଆରି କରନ୍ତି । ଯେତେବେଳେ ସେମାନେ ଏକତ୍ର ମିଶି ଦୀର୍ଘ ସମୟ ପାଇଁ ରୁହନ୍ତି, ସେମାନେ କାହିଁକି ସଂଯୋଜିତ ହୁଅନ୍ତି ନାହିଁ ?

   ..........................................................................................................

## ତୁମେ କ'ଣ ଶିଖିଲ :

- ଏକ ପ୍ରତିକାରକ ବା ଉତ୍ପାଦର ସାନ୍ଦ୍ରତାର ପରିବର୍ତ୍ତନର ହାରକୁ ରାସାୟନିକ ପ୍ରତିକ୍ରିୟାର ହାର ଅନୁସାରେ ପରିପ୍ରକାଶ କରାଯାଏ ।
- ଯେଉଁ କାରକମାନେ ପ୍ରତିକ୍ରିୟାର ହାରକୁ ପ୍ରଭାବିତ କରନ୍ତି : ପ୍ରତିକାରକ ମାନଙ୍କର ସାନ୍ଦ୍ରତା, ତାପମାତ୍ରା ଓ ଉତ୍ପ୍ରେରକ
- ପ୍ରତିକ୍ରିୟାର ହାର ସହ ପ୍ରତିକ୍ରିୟାର ସାନ୍ଦ୍ରତାର ଗାଣିତିକ ସମ୍ବନ୍ଧକୁ ହାର ନିୟମ ଆକାରରେ ପରିଭାଷିତ କରାଯାଇଛି ।





- ହାର ନିୟମରେ, ସ୍ଥିରାଙ୍କ k କୁ ହାର ସ୍ଥିରାଙ୍କ କୁହାଯାଏ । ଯଦି ସମସ୍ତ ସାନ୍ଦ୍ରତାକୁ ଏକ ଧରାଯାଏ, ତେବେ ହାରସ୍ଥିରାଙ୍କ ଗାଣତିକ ଭାବରେ ପ୍ରତିକ୍ରିୟାର ହାର ସହ ସମାନ ।
- ହାର ବ୍ୟଞ୍ଜକରେ ସାନ୍ଦ୍ରତା ପଦମାନଙ୍କର ଘାତମାନଙ୍କର ସମଷ୍ଟିକୁ ପ୍ରତିକ୍ରିୟାର କ୍ରମ କୁହାଯାଏ ।
- ପ୍ରଥମ କ୍ରମ ପ୍ରତିକ୍ରିୟାର ହାର ସ୍ଥିରାଙ୍କ $(k_1) = \frac{1}{t} \ln \frac{[A]_0}{[A]}$
- ଗୋଟିଏ ପ୍ରତିକ୍ରିୟାକୁ ଅର୍ଦ୍ଧ-ଚରଣ ଅବସ୍ଥା ପର୍ଯ୍ୟନ୍ତ ପହଁଞ୍ଚିବା ପାଇଁ ଯେତିକି ସମୟ ଲାଗେ ଅର୍ଥାତ୍ ଯେତିକି ସମୟରେ ପ୍ରତିକ୍ରିୟାର ଅର୍ଦ୍ଧ ପ୍ରାରମ୍ଭିକ ମାତ୍ରା ପ୍ରତିକ୍ରିୟାକରେ ତାହାକୁ ପ୍ରତିକ୍ରିୟାର ଅର୍ଦ୍ଧ ଆୟୁକାଳ କୁହାଯାଏ ।
- ସକ୍ରିୟଣ ଶକ୍ତି, $E_a$ ଓ ପରମତାପମାନ (T)ଉପରେ ହାରସ୍ଥିରାଙ୍କର ନିର୍ଭରଶୀଳତାକୁ ଆରେନିୟସ ସମୀକରଣ $k = Ae^{-Ea/RT}$ ଆକାରରେ ଦିଆଯାଇଛି ।
- ଗୋଟିଏ ଯୌଗିକର ବିଯୋଜନ ପାଇଁ ସକ୍ରିୟଣ ଶକ୍ତି, ପ୍ରତିକାରକ ମାନଙ୍କର ଶକ୍ତି ଓ ସକ୍ରିୟିତ ସଂକୁଳ ଶକ୍ତିର ପ୍ରଭେଦ ଅଟେ ।

## ପାଠ୍ୟାନ୍ତ ପ୍ରଶ୍ନ

1. ଗୋଟିଏ ପ୍ରତିକ୍ରିୟାର ଶକ୍ତି ଓ ଏହାର ପ୍ରଗତିର ଏକ ରେଖାଚିତ୍ର ଅଙ୍କନ କର । ଉଭୟ ଅଗ୍ରଗାମୀ ସକ୍ରିୟଣ ଶକ୍ତି ($E_a$ )ଓ ପାଶ୍ଚାତ୍‌ଗାମୀ ସକ୍ରିୟଣ ଶକ୍ତି ($E_a$' )କୁ ଚିହ୍ନିତ କର ।
2. $2N_2O_5(g) \longrightarrow 4\,NO_2(g) + O_2(g)$ ପ୍ରତିକ୍ରିୟା ପାଇଁ; ଏହା ମିଳେଯେ $N_2O_5$ ର ବିଯୋଜନ ହାର 0.02 mol/litre sec. ପତ୍ରିକ୍ରିୟାର ହାର ହିସାବ କର ଯାହା $\Delta t$ ସେକେଣ୍ଡରେ ହେଉଥାଏ ଓ ଏହା $\frac{\Delta[NO_2]}{\Delta t}$ ଅଟେ ।
3. 673 K ରେ ଗୋଟିଏ ପ୍ରଥମ କ୍ରମ ବିଯୋଜନ ପ୍ରତିକ୍ରିୟା ପାଇଁ ହାର ଧୃବାଙ୍କ 0.23 $s^{-1}$ ଅଟେ । ଏହି ପ୍ରତିକ୍ରିୟାର ଅର୍ଦ୍ଧ ଆୟୁକାଳ ହିସାବ କର ।
4. 298K ରେ ଏକ ନିର୍ଦ୍ଦିଷ୍ଟ ପ୍ରଥମ କ୍ରମ ପ୍ରତିକ୍ରିୟାର ହାର ସ୍ଥିରାଙ୍କ $1.00 \times 10^{-3}$ $S^{-1}$ ଅଟେ । 323K ରେ ଏହି ପ୍ରତିକ୍ରିୟାର ହାରସ୍ଥିରାଙ୍କ $1.4 \times 10^{-2}$ $s^{-1}$ ଅଟେ । ଏହି ପ୍ରତିକ୍ରିୟାର ସକ୍ରିୟଣ ଶକ୍ତି ହିସାବ କର ।
5. ଜଣାଯାଇଛି ଯେ ଗୋଟିଏ ପ୍ରତିକ୍ରିୟାର ହାର $3.0 \times 10^{-4}$ mol/litre second, ଯଦି ଏହି ହାରକୁ mole/ litre minute ଏକକରେ ପରିପ୍ରକାଶ କରାଯାଏ, ଏହା କେତେ ହେବ ?
6. ଗୋଟିଏ ରାସାୟନିକ ପ୍ରତିକ୍ରିୟାକୁ ପ୍ରଭାବିତ କରୁଥିବା ତିନୋଟି କାରକର ଚିଠା ଦିଅ ।
7. ଏକ ନିର୍ଦ୍ଦିଷ୍ଟ ପ୍ରଥମ କ୍ରମ ପ୍ରତିକ୍ରିୟାରେ ପ୍ରତିକାରକର ସାନ୍ଦ୍ରତା 2.00 mol/ litre ରୁ 1.50 mol/ litre କୁ ହ୍ରାସଯାଏ । ଏହି ପ୍ରତିକ୍ରିୟାର ହାର ସ୍ଥିରାଙ୍କ ହିସାବ କର ।
8. 298K ରେ ଏକ ନିର୍ଦ୍ଦିଷ୍ଟ ପ୍ରଥମ କ୍ରମ ପ୍ରତିକ୍ରିୟାର ହାରସ୍ଥିରାଙ୍କ $1.0 \times 10^{-3}$ $min^{-1}$ ଅଟେ । ଯଦି ସକ୍ରିୟଣ ଶକ୍ତି 10.0 k Cal ହୁଏ ତେବେ 323K ରେ ହାରସ୍ଥିରାଙ୍କ ହିସାବ କର ।



## ପାଠଗତ ପ୍ରଶ୍ନର ଉତ୍ତର

## 16.1

1. (d)

2. (i) $\frac{\Delta[NO_2F]}{\Delta t}$ (ii) $\frac{-\Delta[NO_2]}{\Delta t}$

(iii) $\frac{-\Delta[F_2]}{\Delta t}$ (iv) $\frac{1}{2}\frac{\Delta[NO_2F]}{\Delta t} = -\frac{1}{2}\frac{\Delta[NO_2]}{\Delta t} = -\frac{[\Delta F_2]}{\Delta t}$

3. $\frac{1}{2}\frac{d[NO_2F]}{dt} = -\frac{1}{2}\frac{d[NO_2]}{dt} = -\frac{d[F_2]}{dt}$

4. ଆୟତନ ବଢ଼ିଲେ ଚାପ କମ୍ ହୋଇଯାଏ ତେଣୁ ପ୍ରତିକ୍ରିୟାର ହାର କମିଯାଏ ।

## 16.2

1. (a) $1.0 \times 10^{-3}$ mol litre$^{-1}$ s$^{-1}$

(b) $5.0 \times 10^{-2}$ s$^{-1}$

2. (a) $C_2H_4$ ଅନୁସାରେ ପ୍ରଥମ କ୍ରମ ଓ $I_2$ ଅନୁସାରେ 1.5 କ୍ରମ

(b) ମୋଟାମୋଟି ପ୍ରତିକ୍ରିୟାର କ୍ରମ 2.5 ଅଟେ ।

(c) $K = \frac{Sec^{-1}}{(mol\,dm^{-3})^{\frac{3}{2}}}$

3. (a) $2.5 \times 10^{-3}\ (min^{-1}) = \frac{2.303}{10\,min}\log_{10}\frac{0.01\,mol\,L^{-1}}{x}$

(b) ଯେତେବେଳେ ନମୁନା ଅର୍ଦ୍ଧ ବିଯୋଜିତ ହୋଇଯାଏ,

$$t_{1/2} = \frac{0.693}{2.5 \times 10^{-3}}\ min = 0.277 \times 10^{3}\ min$$

$$= 0.27 \times 10^{2}\ min$$

## 16.3

1. 10
2. 34.0 K cal mol$^{-1}$
3. 28.82 kJ
4. ଅଣୁମାନଙ୍କର ଶକ୍ତି ପ୍ରଚୁର ନୁହେଁ ଯାହାକି ପ୍ରଭାବ ସୀମା ଶକ୍ତି ସହ ସମାନ ହେବ ।